# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**24 February - 2025**

**News Editor : Tapan Kumar Maharana**

**********************************

## <u>ମୁଖ୍ୟ ସମ୍ବାଦ</u>

- ପିଏମ୍ କିଶାନ ସମ୍ମାନନିଧି ଯୋଜନାର ୧୯ତମ କିସ୍ତି କୃଷକମାନଙ୍କୁ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ
- ସମ୍ବଲପୁରରେ ମିଶନ ବାତ୍ସଲ୍ୟ ଯୋଜନାରେ ସହାୟତା ପ୍ରଦାନ ଏବଂ ସ୍ୱଚ୍ଛତା ଅଭିଯାନରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ପଙ୍କଉଦ୍ଧାର ଏକାଦଶୀ ତିଥିରେ ପୁରୀ ଶ୍ରୀଲୋକନାଥଦେବ ଶ୍ରଦ୍ଧାଳୁମାନଙ୍କୁ ଦେଉଛନ୍ତି ଦର୍ଶନ

ଏବଂ

- ବୀର ସୁରେନ୍ଦ୍ରସାଏ ଷ୍ଟାଡିୟମରେ ଆଜିଠାରୁ ଆରମ୍ଭ ହେଉଛି ସର୍ବଭାରତୀୟ ସମ୍ବଲପୁର ଫୁଟବଲ କପ୍ ଟୁର୍ଣ୍ଣାମେଣ୍ଟ

***Desk***

# ପିଏମ୍-କୃଷକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଶାନ ସମ୍ମାନନିଧି ଯୋଜନାର ଷଷ୍ଠ ବାର୍ଷିକୀ ପାଳନ ଅବସରରେ ଦେଶର କୃଷକଙ୍କୁ ଅଭିନନ୍ଦନ ଜଣାଇବା ସହିତ ୧୯ତମ କିସ୍ତି ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଏପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ପ୍ରାୟ ସାଢ଼େ ୩ଲକ୍ଷ କୋଟି ଟଙ୍କା କୃଷକ ପରିବାରଙ୍କୁ ପ୍ରଦାନ କରାଯାଇଛି । ଦେଶରେ କୃଷକଙ୍କ ସମ୍ମାନ, ସମୃଦ୍ଧି ଏବଂ ଶକ୍ତି ପ୍ରଦାନ କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇପାରିଛି । ଗତ ୧୦ବର୍ଷ ମଧ୍ୟରେ ସରକାରଙ୍କ ପ୍ରୟାସ ଯୋଗୁଁ ଦେଶରେ କୃଷିକ୍ଷେତ୍ର ଦ୍ରୁତ ଅଗ୍ରଗତି କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । କୃଷକଙ୍କ ପାଇଁ ଦେଶ ଗର୍ବିତ ଏବଂ କୃଷକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ, ଦେଶର ୯ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆଜି ୨୧ ହଜାର ୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀ କୃଷକ ପରିବାରଙ୍କୁ ତିନୋଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କାର ସହାୟତା ରାଶି ଦିଆଯାଉଛି । ୨୦୧୯ ମସିହାରେ ଏହି ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୧୧ କୋଟି କୃଷକ ପରିବାରଙ୍କୁ ୩ ଲକ୍ଷ ୪୬ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Puri*

## କେନ୍ଦ୍ରମନ୍ତ୍ରୀ ପୁରୀ ଗସ୍ତ

କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓଡ଼ିଶା ଗସ୍ତରେ ଆସି ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଶେଖାୱତ କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରୟାଗରାଜଠାରେ ଅନୁଷ୍ଠିତ କୁମ୍ଭମେଳାରେ ୬୪ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ସେହି ସ୍ନାନର ଅନୁଭୂତିକୁ ନେଇ ସାମାଜିକ ଗଣମାଧ୍ୟମରେ ଯେଉଁ କେତୋଟି ଖବର ପ୍ରସାରିତ ହେଉଛି ସେଗୁଡ଼ିକୁ ସମାଲୋଚନା କରିବା ସହିତ  ମନୁଷ୍ୟ ସମାଜ ପାଇଁ ମହାକୁମ୍ଭ ମେଳା ଏକ ଉଦାହରଣ ହୋଇ ରହିବ ବୋଲି ଶ୍ରୀ ଶେଖାୱତ କହିଛନ୍ତି।

*Desk*

## ମୁଖ୍ୟମନ୍ତ୍ରୀ- ଉତ୍ତରପ୍ରଦେଶ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଉତ୍ତରପ୍ରଦେଶ ଗସ୍ତରେ ଯାଇ ଆଜି ଅଯୋଧ୍ୟାରେ ରାମଲାଲାଙ୍କ ଦର୍ଶନ କରିଛନ୍ତି। ଅଯୋଧ୍ୟାରେ ଓଡ଼ିଶାବାସୀଙ୍କ ଲାଗି ଅତିଥିଭବନ ନିର୍ମାଣ କରିବା ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଆଲୋଚନା କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଉତ୍ତରପ୍ରଦେଶ ସରକାର ଜମି ଯୋଗାଇ

ଦେବା ପରେ ରାଜ୍ୟ ସରକାର ଅତିଥିଭବନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ।

ସୂଚନାଯୋଗ୍ୟ, ଗତକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତ୍ରିବେଣୀ ସଙ୍ଗମରେ ଗଙ୍ଗା ଆରତୀ କରିବା ସହ ମହାକୁମ୍ଭରେ ବୁଡ଼ ପକାଇଥିଲେ ।

***Desk***

## ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଆରମ୍ଭ

ଆନ୍ତର୍ଜାତିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳୀ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆଜିଠାରୁ ଭୁବନେଶ୍ୱରରେ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଆରମ୍ଭ ହେଉଛି । ଭାରତୀୟ ବାଣିଜ୍ୟ ଶିଳ୍ପ ମହାସଂଘ ସହଭାଗିତାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଗଣମାଧ୍ୟମକୁ ଏହି ସମ୍ପର୍କରେ ସୂଚନା ଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ରାଜ୍ୟର ସାଂସ୍କୃତିକ ଐତିହ୍ୟ, ବେଳାଭୂମି, ଇକୋ ଟୁରିଜିମ ଏବଂ ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମିର ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ସହଯୋଗ ପ୍ରଦାନ କରିବ ।

***Puri***

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବିଳମ୍ବ ହୋଇଥିବାରୁ ଆସନ୍ତା ମାସ ସୁଦ୍ଧା ମହାପ୍ରଭୁଙ୍କର ଅଳଙ୍କାରର ଗଣତି ମଣତି ସରିବ ନାହିଁ

ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରଥଯାତ୍ରା ପୂର୍ବରୁ ଗଣତି ମଣତି ପ୍ରକ୍ରିୟା ଶେଷ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

***Desk***

# ମହାକୁମ୍ଭ-ରେଲୱେ

ପ୍ରୟାଗରାଜ ମହାକୁମ୍ଭ ମେଳାକୁ ଯାଉଥିବା ଶ୍ରଦ୍ଧାଳୁଙ୍କର ସୁବିଧାଜନକ ଯାତ୍ରାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀ ରେଳଷ୍ଟେସନ ପରିଦର୍ଶନ କରିବା ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି ରେଳବାଇ ବୋର୍ଡ କାର୍ଯ୍ୟାଳୟରେ ସ୍ଥାପିତ 'ୱାର୍ ରୁମ୍' ଶ୍ରଦ୍ଧାଳୁଙ୍କର ଯାତ୍ରା ସ୍ଥିତି ନେଇ ତୀକ୍ଷ୍ଣ ନଜର ରଖିଛି । ଭିଡ଼ ନିୟନ୍ତ୍ରଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ।

ଭାରତୀୟ ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶନିବାର ସଂଧ୍ୟାରେ ୫ଟି ଅଣ ସଂରକ୍ଷିତ ଟ୍ରେନ୍ ପ୍ରୟାଗରାଜକୁ ଚଳାଚଳ କରିଥିଲା ।

***Sambalpur***

# ସମ୍ବଲପୁର- ସ୍ୱଚ୍ଛତା ଅଭିଯାନ

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସହରରେ ସ୍ୱଚ୍ଛତା ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱଚ୍ଛତା

ଅଭିଯାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଆସନ୍ତା ଜୁନ୍ ମାସ ଏକ ତାରିଖ ଶୀତଳଷଷ୍ଠୀ ଯାତ୍ରା ପର୍ଯ୍ୟନ୍ତ ସମ୍ବଲପୁର ସହରରେ ଜନଭାଗିଦାରୀରେ ସ୍ୱଚ୍ଛ ସମ୍ବଲପୁର କାର୍ଯ୍ୟକ୍ରମ ଚାଲିବ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁରରେ ଏକ ଅତ୍ୟାଧୁନିକ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା।

# - V/O -

କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଉତ୍ତରାଞ୍ଚଳ ପୁଲିସ ଆଇ.ଜି. ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ କମିଶନର ବେଦଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ।

***Sambalpur***

## ଧର୍ମେନ୍ଦ୍ର ପ୍ରଧାନ– ବାତ୍ସଲ୍ୟ ଯୋଜନା

ସମ୍ବଲପୁର ଜିଲ୍ଲାରେ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଭୁକ୍ତ ପିଲାମାନଙ୍କ ପାଇଁ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରଠାରେ ଆୟୋଜିତ 'ସେମାନେ ଏକା ନୁହଁନ୍ତି' ଶୀର୍ଷକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଅନାଥ ପିଲାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୂର୍ବରୁ ୧୦୩ ଜଣ ପିଲାଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଥିବାବେଳେ ଆଜି ୧୬୩ ଜଣ ଅନାଥ ପିଲା ଏଥିରେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ମିଶନ

ବାତ୍ସଲ୍ୟ-୨୦୨୨ ମସିହାରେ ଆରମ୍ଭ ହୋଇଥିଲା। ଯେଉଁ ପିଲାମାନଙ୍କ ପିତାମାତାଙ୍କ ମୃତ୍ୟୁ ଘଟିଥିବ ସେମାନେ ଏହି ଯୋଜନାରେ ସାମିଲ ହୋଇପାରିବେ। ଅନାଥ ପିଲାମାନେ ନିଜର ସମ୍ପର୍କୀୟମାନଙ୍କ ପାଖରେ ରହି ଲାଳନପାଳନ ହେବେ। ସରକାର ଏହି ବର୍ଗର ପିଲାମାନଙ୍କୁ ପ୍ରତି ମାସରେ ୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରୁଛନ୍ତି।

***Nuapada***

## ଆଲୋଚନାଚକ୍ର

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ମୁକ୍ତବିଚାର ମଞ୍ଚ ଆନୁକୂଲ୍ୟରେ ମାସିକ ଆଲୋଚନା ଚକ୍ର 'ମାତୃଭାଷାରେ ଶିକ୍ଷାଦାନ ହିଁ ଉତ୍କୃଷ୍ଟ' ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଯାଇଛି। ମାତୃଭାଷାର ମମତା ପ୍ରତ୍ୟେକ ନାଗରିକଙ୍କ ହୃଦୟରେ ରହିବା ସହ ଶିକ୍ଷାଦାନ ବ୍ୟବସ୍ଥାରେ ମଧ୍ୟ ଏହାର ଅଗ୍ରାଧିକାର ଦେବା ଆବଶ୍ୟକ ବୋଲି ଆଲୋଚନାଚକ୍ରରେ ଭାଗ ନେଇଥିବା ବ୍ୟକ୍ତିବିଶେଷ କହିଛନ୍ତି।

***Puri***

## ପଙ୍କଉଦ୍ଧାର- ଏକାଦଶୀ

ପୁରୀ ଶ୍ରୀ ଲୋକନାଥଦେବଙ୍କ ପୀଠରେ ଆଜି ପ୍ରଭୁଙ୍କର ପଙ୍କଉଦ୍ଧାର ଏକାଦଶୀ ତିଥିରେ ସ୍ୱତନ୍ତ୍ର ନୀତିକାନ୍ତି ଚାଲିଛି। ପୁରାଣ, ଶାସ୍ତ୍ର ଅନୁସାରେ ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନର ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ନୈବେଦ୍ୟ ପଙ୍କ

କଢ଼ାଯିବା ପରେ ମହାସ୍ନାନ କରାଯାଇ ପ୍ରଭୁ ଶ୍ରୀଲୋକନାଥ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି ।

ବର୍ଷତମାମ ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ନୈବେଦ୍ୟ, ବେଲପତ୍ର, ଫଳ, ପୁଷ୍ପ, ଅଳଙ୍କାର ଆଦି ପଙ୍କକୁ ବିଧି ଅନୁସାରେ ଶିବରାତ୍ରୀ ପୂର୍ବରୁ କଢ଼ା ଯାଇଥାଏ । ଶୃଙ୍ଖଳିତ ଦର୍ଶନ ପାଇଁ ୬ ପ୍ଲାଟୁନ୍ ପୁଲିସ ଫୋର୍ସ ଉପସ୍ଥିତ ଅଛନ୍ତି ।  ଆକାଶବାଣୀକୁ ସୂଚନା ଦେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ କହିଛନ୍ତି...

**- V/O –**

***Desk***

# ସମ୍ବଲପୁର ଫୁଟବଲ କପ୍

ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି । ସମ୍ବଲପୁର ଫୁଟ୍‌ବଲ ଏକାଡେମୀ ଏବଂ ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀ ଦଳ ଭାଗ ନେବା ପାଇଁ ସମ୍ବଲପୁରଠାରେ ପହଞ୍ଚିଛନ୍ତି । ସମ୍ବଲପୁର ଫୁଟବଲ ଏକାଡେମୀର ସୂଚନା ଅନୁସାରେ, ଆସନ୍ତା ମାସ ୨ ତାରିଖରେ ଓଡ଼ିଶା ଓ କୋଲକାତା ମଧ୍ୟରେ ଏକ ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ୍ ଆୟୋଜିତ ହେବ ।

*Desk*

# ପ୍ରାଣୀ ଗଣନା

କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତବର୍ଷ ନଭେମ୍ବର ମାସରୁ ଆରମ୍ଭ ହୋଇଥିବା ପ୍ରାଣୀଧନ ଗଣନା ଅଭିଯାନ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସଂପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ମିଳିଥିବା ସୂଚନା ଅନୁସାରେ, ପ୍ରାଣୀ ଗଣନା ଅଭିଯାନରେ ବ୍ଲକ ସ୍ତରରେ କାର୍ଯ୍ୟରତ ଏଲ୍.ଆଇ., ଗୋମିତ୍ର ଏବଂ ସ୍ୱେଚ୍ଛାସେବୀମାନେ ସାମିଲ ଅଛନ୍ତି । ଘରକୁ ଘର ବୁଲି ବଳଦ, ମଇଁଷି, ଗାଇ, ଛେଳି, ମେଣ୍ଢା, ଘୁଷୁରୀ, ବିଲେଇ, କୁକୁର ଆଦି ପ୍ରାଣୀ ଗଣନା କରୁଛନ୍ତି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୫ ପ୍ରତିଶତ ପ୍ରାଣୀ ଗଣନା ଶେଷ ହୋଇଛି ।